## ସମବାୟ ନିର୍ବାଚନ ୧୦ନଂ. ଜୋନ୍‌ରେ ତପନ ଦାସ ନିର୍ବାଚିତ

ଜଳେଶ୍ୱର,(ଡି.ଏନ୍.ଏ.)-ଦୀର୍ଘ ୯ବର୍ଷ ଧରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ସମବାୟ ନିର୍ବାଚନରେ ଜଳେଶ୍ୱର ୧୦ନଂ. ଜୋନ୍‌ରୁ ତପନ ଦାସ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି । ସେ ଭୋଗରାଇର ଅଶୋକ ସାମଲଙ୍କୁ ୧୫୫ରୁ ଅଧିକ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି ।

## ସଂକ୍ଷେପରେ

### ୩ ପରିବାରରେ କଳାକନା ବୁଲାଇଲେ ଚୋର

ଜଳେଶ୍ୱର, ୩୧।୧୦(ଡି.ଏନ.ଏ.)-କାଳୀପୂଜା ଅବସରରେ ଖୁଲୁଡା ଗାଁରେ ନାଟକ ଅନୁଷ୍ଠିତ ହେଉଥିବା ବେଳେ ଏହାର ସୁଯୋଗ ନେଇ ଚୋରମାନେ ୩ ପରିବାରରେ କଳାକନା ବୁଲାଇଛନ୍ତି। ଏ ସମ୍ପର୍କରେ ୩ ପରିବାର ନାମ୍ପୋ ଫାଣ୍ଡିରେ ଏତଲା ଦେଇଛନ୍ତି। ଗ୍ରାମର ଅଜୟ ମହାପାତ୍ରଙ୍କ ଘରୁ ୫ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ବେଳେ ଶିଶିର ଜେନାଙ୍କ ଘରୁ ନଗଦ ୨୦ହଜାର ଟଙ୍କା ଲକ୍ଷାଧିକ ଟଙ୍କାର ଗହଣା ଚୋରି ହୋଇଛି। ସେହିପରି ଗୋପାଳ ମହାପାତ୍ରଙ୍କ ଘରୁ ମଧ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଚୋରି ହୋଇଛି। ପୋଲିସ୍ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

### ବିଲରୁ ବୃଦ୍ଧାଙ୍କ ମୃତଦେହ ଜବତ

ବଡସାହି,୩୧।୧୦(ଡି.ଏନ୍.ଏ)- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପଟିସାରୀ ପଞ୍ଚାୟତ ତେନ୍ତୁଳିମୁଣ୍ଡା ଗ୍ରାମ ବିଲ ଭିତରୁ ଜଣେ ବୃଦ୍ଧାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ବୃଦ୍ଧା ଜଣକ ହେଲେ ଛେଳିଆ(ଏ) ବିଦ୍ୟାଧରପୁର ଗ୍ରାମର ଅନ୍ନପୂର୍ଣ୍ଣା କାଣ୍ଡି(୭୨)। ହଜିଥିବା ଗୋରୁ ଖୋଜିବାକୁ ଯାଇ ସେ ଘରକୁ ଫେରି ନ ଥିଲେ। ପରେ ତାଙ୍କ ମୃତଦେହ ବିଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ସାହି ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ,୬୩/୨୨) ରୁଜୁ ହୋଇଛି।

### ଗୋଧୂଳି ଗ୍ରାମ ସଡ଼କ ଶିଳାନ୍ୟାସ

ଚମ୍ପୁଆ,୩୧।୧୦(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ଗୋଧୂଳି ଗ୍ରାମ ସଡ଼କର ଶିଳାନ୍ୟାସ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଚମ୍ପୁଆ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ୱାର୍ଡ କାଉନ୍‌ସିଲର ଛତ୍ରପତି ନାଏକ, ବିଶ୍ୱରୂପାୟ ମନ୍ଦିରର ସଭାପତି ସୁରେନ୍ଦ୍ର ନାଏକ ଯୋଗଦେଇଥିଲେ। ଖବର ଅନୁସାରେ, ଗୋଧୂଳି ଗ୍ରାମ ଓଡ଼ିଶାର ଏକ ଉପାନ୍ତ ଆଦିବାସୀ ଗ୍ରାମ ଭାବେ ପରିଚିତ। ଗ୍ରାମକୁ ଲାଗିଥିବା ବୈତରଣୀ ନଦୀ ଓଡ଼ିଶା ଓ ଝାଡ଼ଖଣ୍ଡର ସୀମା ନିର୍ଦ୍ଧାରଣ କରୁଛି। ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ନଦୀରେ ଏକ ପୋଲ ନିର୍ମାଣ ହୋଇଛି। ଏହି ସ୍ଥାନର ନାମ ରାମତୀର୍ଥ ଥିବା ବେଳେ ଏଠାକୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ମାତ୍ର ଉକ୍ତ ପୋଲରୁ ଗୋଧୂଳି ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଦୟନୀୟ ହୋଇ ପଡ଼ିଥିଲା। ଟାଟା କମ୍ପାନୀର ସହାୟତାରୁ ଉକ୍ତ ପୋଲଠାରୁ ଗୋଧୂଳି ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୬୦୦ ମିଟର କଂକ୍ରିଟ୍ ରାସ୍ତା ନିର୍ମାଣ କରାଯିବ। ବିଧାୟିକା ଆନୁଷ୍ଠାନିକ ଭାବେ ନଡ଼ିଆ ବାଡ଼େଇ ଏହାର ଶୁଭ ଦେଇଥିଲେ। ରାସ୍ତା ନିର୍ମାଣ ହେଲେ ଉଭୟ ରାଜ୍ୟ ମଧ୍ୟରେ ଯାତାୟାତ ସହଜ ଓ ସରଳହେବ ବୋଲି ଏନ୍‌ଏସି ଅଧ୍ୟକ୍ଷ ସାହୁ ସୂଚନା ଦେଇଛନ୍ତି।

### ଝରକା ଭାଙ୍ଗି ବ୍ୟାଙ୍କ ଲୁଟ୍

ରୂପସା, ୩୧।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ସିଂଲା ଥାନା ଭାରତୀୟ ଷ୍ଟେଟବ୍ୟାଙ୍କ୍ କାଣ୍ଡଗାଁ ଶାଖାରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ ପଛପଟ ଝରକା ଭାଙ୍ଗି ରବିବାର ରାତିରେ ଦୁର୍ବୃତ୍ତମାନେ ଟଙ୍କା ଓ ବିଭିନ୍ନ ସରଞ୍ଜାମ ଲୁଟ୍ କରି ଚମ୍ପଟ ମାରିଥିଲେ। ତେବେ କେତେ ଟଙ୍କା ଲୁଟ୍ ହୋଇଛି ତାହା ଠିକ୍ ଭାବେ ଜଣା ପଡ଼ି ନ ଥିବା ବେଳେ ସିଂଲା ଥାନା ପୋଲିସ ଅଭିଯୋଗ ପାଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ତେବେ ଲଗାତାର ଭାବେ ସିଂଲା ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଏଟିଏମ୍ ଲୁଟ ହେଉଥିବା ବେଳେ ପୁଣି ବ୍ୟାଙ୍କ୍ ଲୁଟ୍ ଘଟଣା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ଦିନ ପୂର୍ବରୁ ଦିନ ଦ୍ୱିପ୍ରହରରେ ମାରଣାସ୍ତ୍ର ଦେଖାଇ ବରୁଣଗଡ଼ିଆ ବ୍ୟାଙ୍କ୍ ଅଫ ବରୋଦା ଓ ଶ୍ରୀରାମପୁର ଭାରତୀୟ ଷ୍ଟେଟବ୍ୟାଙ୍କରୁ ବଡ଼ଧରଣର ଲୁଟ୍ ହୋଇଥିଲା। ସେହିପରି ବିଳମ୍ବିତ ରାତିରେ ମୁକୁଲିସି ଷ୍ଟେଟବ୍ୟାଙ୍କରୁ ଚୋରି ହୋଇଥିଲା। ହେଲେ ଲୁଟେରାମାନଙ୍କୁ ଧରିବାରେ ପୋଲିସ ବିଫଳ ହେଉଥିବାରୁ ସାଧାରଣରେ ଅସନ୍ତୋଷ ଲାଗି ରହିଛି।

### ବୈଶିଙ୍ଗାରେ ହାତୀ ଉପଦ୍ରବ

ବୈଶିଙ୍ଗା,୩୧।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ନିକଟସ୍ଥ ଦଲଦଲି , ଚୁଆପଦା , ମହୁଲିଆ, ଶ୍ରୀବତ୍ସପୁର ଆଦି ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ପ୍ରାୟ ୬୦ଟି ହାତୀ ଧାନ କ୍ଷେତରେ ପଶି ପାଚିଲା ଧାନ ଖାଇବା ସହ ବ୍ୟାପକ କ୍ଷୟକ୍ଷତି କରିଥିବା ଅଭିଯୋଗ ହୋଇଛି। ସୋମବାର ସନ୍ଧ୍ୟାରେ ମହୁଲିଆ ଓ ଶ୍ରୀବତ୍ସପୁର ଗ୍ରାମରେ ପ୍ରବେଶ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବୈଶିଙ୍ଗା ବନ ଅଧିକାରୀ ଦୁଲାଲ ଚନ୍ଦ୍ର ଦିଗାରଙ୍କୁ ପଚାରିବାରୁ ସେ ଓ ଫରେଷ୍ଟ ଗାର୍ଡ ଜୟନ୍ତୀ ପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରାୟ ୩୦ ବନ ସୁରକ୍ଷା କର୍ମଚାରୀ ହାତୀପଲ ଘଉଡ଼ାଇବାକୁ ଉଦ୍ୟମ ଚାଲିଥିବା ପ୍ରକାଶ କରିଛନ୍ତି। ତୁରନ୍ତ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି।

# ଭୁଲ୍ ଇଞ୍ଜେକଶନ ଯୋଗୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

### ଉଦଳା ଡାକ୍ତରଖାନାରେ ଉତ୍ତେଜନା

ଉଦଳା,୩୧।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଡାକ୍ତରଖାନାରେ ଭୁଲ୍ ଇଞ୍ଜେକଶନ ଯୋଗୁ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ଉଦଳା ଥାନା ବହୁବନ୍ଧ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମିରୀଡିଆଙ୍କ ସ୍ତ୍ରୀ ରାଧିକା (୪୫) ରବିବାର ଘର ବାଡ଼ିରେ କାମ କରୁଥିବା



ଡାକ୍ତରଖାନା ପରିସରରେ ଉତ୍ତେଜିତ ଲୋକେ ହୋହଲ୍ଲା କରୁଛନ୍ତି।

ବେଳେ ଗୋଡ଼ରେ ଏକ କଣ୍ଟା ମାଡ଼ି ଦେଇଥିଲେ। ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନା ପକ୍ଷରୁ ତାଙ୍କୁ ଇଞ୍ଜେକେଶନ ଦିଆଯାଇଥିଲା। ତେବେ ଇଞ୍ଜେକେଶନ ନେବାର କିଛି ସମୟ ପରେ ରାଧିକାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଚିକିତ୍ସା କରୁଥିବା ଡାକ୍ତର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅନ୍ୟ କୌଣସି କାରଣରୁ ମହିଳାଙ୍କ ମୃତ୍ୟୁ ହୋଇଥାଇ ପାରେ ବୋଲି ଡାକ୍ତର କହିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି ।

# ଜାତୀୟ ଏକତା ଦିବସରେ ଗଣଦୌଡ଼




ଗଣଦୌଡ଼କୁ ପତାକା ଦେଖାଇ ଏମ୍‌ପି ଶୁଭାରମ୍ଭ କରୁଛନ୍ତି।

ବାଲେଶ୍ୱର ଅଫିସ, ୩୧।୧୦

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ କେନ୍ଦ୍ର ସଞ୍ଚାର ବ୍ୟୁରୋ ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମହାନ ଜନନାୟକ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉତ୍ସବ ଅବସରରେ ଜାତୀୟ ଏକତା ଦିବସ ପାଳନ ହୋଇଛି। ଏହି ପରିପ୍ରେକ୍ଷୀରେ ସହର ଉପକଣ୍ଠ ସମଲପୁର ଛକ ନିକଟରୁ ଏକ ଗଣଦୌଡ଼ ବାହାରି ସରସ୍ୱତୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ଗଣଦୌଡ଼କୁ ଉଦ୍‌ଘାଟନ କରି ରାଷ୍ଟ୍ରୀୟ ଏକତା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଅଧ୍ୟାପକ ଘନଶ୍ୟାମ ଗିରି, ଜିଲା ସ୍ୱଚ୍ଛତା ପରାମର୍ଶଦାତା ସ୍ୱର୍ଣ୍ଣଲତା ମହାନ୍ତି, ସରସ୍ୱତୀପୁର ସରପଞ୍ଚ କୈଳାସ ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟ ତ୍ରିଲୋଚନ ପ୍ରଧାନ ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼ ଆୟୋଜନ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବାଲେଶ୍ୱରସ୍ଥିତ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଅଧିକାରୀ ନିର୍ମାଲ୍ୟ ବେହେରା ଏହି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ଦେଶବ୍ୟାପୀ ପାଳନ ହେଉଥିବା ରାଷ୍ଟ୍ରୀୟ ଏକତା ଦିବସ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସରସ୍ୱତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଫଟୋଚିତ୍ର ପ୍ରଦର୍ଶନୀ ଓ ଡାକ ବିଭାଗର ଷ୍ଟଲକୁ ଅତିଥିମାନେ ଉଦଘାଟନ କରିବା ସହିତ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଜାତୀୟ ଏକତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ।

# ଦୁର୍ନୀତି ନିବାରଣ ଲାଗି ଶପଥପାଠ କଲେ ଅଧିକାରୀ



ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅଧିକାରୀମାନେ ଶପଥପାଠ କରୁଛନ୍ତି।

ଭଦ୍ରକ ଅଫିସ, ୩୧।୧୦

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସୋମବାର ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଉଦ୍ଦିଷ୍ଟ ଶପଥପାଠ ପତ୍ର ପଠନ ପୂର୍ବକ ସମସ୍ତଙ୍କୁ ଶପଥ କରାଇଥିଲେ। ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀପ୍ରସାଦ ସାହୁ, ବୈଷୟିକ ନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ଜିଲା ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି, ଡେପୁଟି କଲେକ୍ଟର କସ୍ତୁରୀବାଳା ଜେନା, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲା କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଶୁଭେନ୍ଦୁ କୁମାର ମିଶ୍ର ପ୍ରମୁଖଙ୍କ ସହ ଜିଲା କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀ ଶପଥପାଠ କରିଥିଲେ। ଦେଶର ଆର୍ଥିକ, ସାମାଜିକ ଓ ରାଜନୈତିକ ପ୍ରଗତିରେ ଦୁର୍ନୀତି ହିଁ ସବୁଠୁ ବଡ଼ ବାଧକ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବେ, ଲାଞ୍ଚ ନେବେ ନାହିଁ କି ଦେବେ ନାହିଁ ବୋଲି ଅଧିକାରୀମାନେ ଶପଥ ନେଇଥିଲେ।

# ୨ ଦିନରେ ୯ ଚୋରି

ଖଇରା, ୩୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ନନ୍ଦୁର ପଞ୍ଚାୟତ ଅଧୀନ ରୁଡିଙ୍ଗିଆ ଗ୍ରାମର ୬ ଘରୁ ଓ ସାରୁଗାଁ ପଞ୍ଚାୟତର ମିଟୁଆଣି ବଜାରର ୩ ବ୍ୟବସାୟୀଙ୍କ ଦୋକାନରୁ ଚୋରି ହୋଇଥିବା ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖଇରା ପୋଲିସ ଶୁକ୍ରବାର ଉଭୟ ସ୍ଥାନକୁ ଯାଇ ପ୍ରାଥମିକ ତଦନ୍ତ କରି ଫେରିଥିଲେ ମଧ୍ୟ ଚୋରଙ୍କ ବିଷୟରେ କୌଣସି ସନ୍ଧାନ ପାଇପାରିନାହିଁ। ଦୁର୍ବୃତ୍ତମାନେ ଗୁରୁବାର ରାତିରେ ମିଟୁଆଣି ହାଟରେ ଥିବା ଗୌରାଙ୍ଗ ଧରଙ୍କ ତେଜରାତି ଦୋକାନରୁ ନଗଦ ୨୦ହଜାର ଟଙ୍କା ଓ ତେଜରାତି ସାମଗ୍ରୀ, ସରୋଜ କୁମାର ଦାସଙ୍କ ପରିବା ଦୋକାନରୁ ନଗଦ ୫ହଜାର ଟଙ୍କା, ଭୋଳାନାଥ ମହାନ୍ତିଙ୍କ ମନୋହରୀ ଦୋକାନରୁ ନଗଦ ୧୦ହଜାର ଟଙ୍କା ଚୋରାଇ ନେଇଥିବା ଅଭିଯୋଗରେ ଉଲ୍ଲେଖ ହୋଇଛି । ସେହିଭଳି ଦୁର୍ବୃତ୍ତମାନେ ବୁଧବାର ରାତିରେ ରୁଡିଙ୍ଗିଆ ଗ୍ରାମର ରାଜୁ ନାୟକ, ବାସନ୍ତୀ ବରାଳ, କୈଳାସ ବରାଳ, ପ୍ରଫୁଲ୍ଲ ଘଡେଇ, ଶିବ ଘଡେଇ, ମହେନ୍ଦ୍ର ବରାଳଙ୍କ ଘର କାବଟ ଭାଙ୍ଗି ଭିତରେ ପଶିଥିବା ଅଭିଯୋଗ ହୋଇଛି। ୨ ମାସ ମଧ୍ୟରେ ପାଖାପାଖି ୧୦ଟି ଚୋରି ଘଟଣା ଘଟିଯାଇଛି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା ଗୋଷ୍ଠୀ

### ବେଆଇନ ମଦ କାରବାରକୁ ବିରୋଧ

କେନ୍ଦୁଝର,୩୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆଦିବାସୀ ଅଞ୍ଚଳରେ ମଦ କାରବାରକୁ ବିରୋଧ କରି ବାଂଶପାଳ ବ୍ଲକ୍ ବାରାହାଗଡ଼ ପଞ୍ଚାୟତର ୮ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଞ୍ଚାୟତର ତଳ ବାଲି, ଉପର ବାଲି, ବାରାହାଗଡ଼, କପୁଡ଼ିହା, ସାରିଆ, ହାତୀଶିଳା, ଫୁଲବାଡ଼ି, ତଳ ନଦାମ, ଉପର ନଦାମ, ଜାମୁଡ଼ିହା ଆଦି ଗ୍ରାମର ପୁରୁଷମାନେ କାମ ଧନ୍ଦା ନ କରି ମଦ ପିଇ ଘରେ ଗଣ୍ଡଗୋଳ କରୁଥିବା ଅଭିଯୋଗ କରିଛନ୍ତି। ପ୍ରତିବାଦ କଲେ ମଦ ପିଇ ଘରେ ସ୍ତ୍ରୀ ଓ ପିଲା ଛୁଆଙ୍କୁ ମାଡ଼ ମାରୁଛନ୍ତି। ପୋଲିସ ଓ ଅବକାରୀ ବିଭାଗ ଏ ଦିଗରେ ପଦକ୍ଷେପ ନେଉ ନ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ମହିଳାମାନେ ପଣ୍ଡାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ପଦକ୍ଷେପ ନେଉ ନାହିଁ। ଏ ନେଇ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଜିଲାପାଳ ଏବଂ ଅବକାରୀ ଅଧିକ୍ଷକ ଦ୍ୱାରସ୍ଥ ହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ଜିଲାସ୍ତରୀୟ ସତ୍‌ସଙ୍ଗ କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଯୋଗଦେଇଥିବା କର୍ମୀମାନେ।

ବାରିପଦା ଅଫିସ,୩୧।୧୦

ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗର ମୟୂରଭଞ୍ଜ ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସତ୍‌ସଙ୍ଗ ବିହାର ପରିସରରେ ବେଣୁଧର ମହାରଣାଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ସତ୍‌ସଙ୍ଗର ପ୍ରଧାନ ଆଚାର୍ଯ୍ୟଦେବ ଓ ପୂଜନୀୟ ଅବୀନ ଦା'ଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ କର୍ମୀ ଶଙ୍କର୍ଷଣ ସାହୁ କର୍ମୀ ସମ୍ମିଳନୀର ଆହ୍ୱାନ କରିଥିଲେ। ସମାଜକୁ ସୁସ୍ଥ କରି ଗଢ଼ିବା ପାଇଁ ପ୍ରତ୍ୟେକ ଲୋକର କର୍ମ ଦକ୍ଷତା ଓ ନୈତିକ ମାନର ବିକାଶ ପାଇଁ ସମସ୍ତଙ୍କୁ ସତ୍‌ସଙ୍ଗର ମୁଖ୍ୟ ସ୍ରୋତକୁ ଆଣିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆସନ୍ତା ଡିସେମ୍ବର ୧୮ରେ ଯଶିପୁରଠାରେ ଶ୍ରୀଶ୍ରୀଠାକୁରଙ୍କର ସୁବିଶାଳ ଶ୍ରୀମନ୍ଦିରର ଉଦବୋଧନ ହେବ ବୋଲି ଡା.ତପନ କୁମାର ମାଟିଆ ଅବଗତ କରାଇଥିଲେ। ଲକ୍ଷାଧିକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ପରିଚାଳନାର ସୁବ୍ୟବସ୍ଥା କରାଯିବା ନେଇ କର୍ମୀ ନିଗମାନନ୍ଦ ପଟ୍ଟନାୟକ ସୂଚନା ଦେଇଥିଲେ। ଏହି ଅବସରରେ ମାସିକ ଉର୍ଜ୍ଜନା ପତ୍ରିକାର ବିତରଣ କରାଯାଇଥିଲା। କର୍ମୀ ରବୀନ୍ଦ୍ର ନାଥ ପାତ୍ରଙ୍କ ଧ୍ୱନି ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଗୋରୁ ବୋଝେଇ ଭ୍ୟାନ ଜବତ, ୩ ଗିରଫ

ରୂପସା, ୩୧।୧୦(ଡି.ଏନ.ଏ.)

ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ନଳବାହାର ଛକ ନିକଟରେ ପୋଲିସ ସୋମବାର ଚଢାଉ କରି ୨ଟି ଗୋରୁ ବୋଝେଇ ଭ୍ୟାନ୍ ଜବତ କରିଛି। ଏଥିସହ ୩ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗତସିଂହପୁର ଥାନା ଉହଳା ଅଞ୍ଚଳର ଦୁଇ ଭାଇ ମିର୍ଜା ଜାବିଦ ବେଗ ଓ ମିର୍ଜା ଜୁବେର ବେଗ, ରମ୍ଭାଦେଇପୁର ଗ୍ରାମର ଅଭିଜିତ ଜେନା। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୭୬/୨୨) ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ରାଜପଥ ଦେଇ ଭ୍ୟାନ(ନଂ. ଓଡ଼ି୦୫ବିଏଫ୍-୧୨୯୧ ଓ ଓଡ଼ି୦୫ବିଏଫ୍-୧୯୦୫) ଯୋଗେ ୬ଟି ଗୋରୁ ବୋଝେଇ ହୋଇ ବେଆଇନ ଭାବେ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଥିଲା। ଖବରପାଇ ଆଇଆଇସି ବାରିଣୀ ଦାସଙ୍କ ନେତୃତ୍ୱରେ ଏଏସ୍‌ଆଇ କମଳାକାନ୍ତ ନାୟକ ସଦଳବଳେ ଚଢ଼ାଉ କରି ସବୁ ଗୋରୁଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଉଦ୍ଧାର ଗୋରୁଙ୍କୁ ରେମୁଣାସ୍ଥିତ ଗୋଶାଳାରେ ଛଡ଼ାଯାଇଛି।

### ଜିଲାପାଳଙ୍କ ଜନଶୁଣାଣି

# ୧୭୬ ଅଭିଯୋଗର ସମାଧାନ




ଜିଲାପାଳଙ୍କ ସହ ଅନ୍ୟମାନେ।

ଯୋଡ଼ା,୩୧।୧୦(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ସଭାଗୃହରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୧୭୬ ଅଭିଯୋଗର ସମାଧାନ ହୋଇଥିଲା। କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କ ସଭାପତିତ୍ୱରେ ଡିଆରଡିଏ ପିଡି ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ବଡ଼ବିଲ ଏସ୍‌ଡିପିଓ ସନ୍ତୋଷ ବାରିକ, କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋର ପୃଷ୍ଟି, ଜିଲା ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ, ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ ଉପସ୍ଥିତ ରହି ଅଭିଯୋଗ ଶୁଣିବା ସହିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜନଶୁଣାଣିରେ ଯୋଡ଼ା ପୌରପାଳିକା, ବଡ଼ବିଲ ପୌରପାଳିକା, ଯୋଡ଼ା ବ୍ଲକ୍‌ର ସମୁଦାୟ ୧୭୬ଟି ଅଭିଯୋଗ ଆସିଥିବା ବେଳେ ସମାଧାନ କରାଯାଇଥିଲା। ମୁଖ୍ୟ ସମସ୍ୟା ମଧ୍ୟରେ ରାସ୍ତାଘାଟ, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍ ଆଲୋକ ପ୍ରଭୃତି ମୌଳିକ ସୁବିଧା ଉପରେ ଅଭିଯୋଗ ହୋଇଥିଲା।

# ୱାଲ ପେଣ୍ଟିଂ ଦେଖିଲେ ଜିଲା ଅଧିକାରିଣୀ

### ଅଭିଯୋଗ ପରେ ତଦନ୍ତ ଆରମ୍ଭ

ଖଇରା, ୩୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ୨୦୨୨-୨୩ରେ ଜଳ ପରିମଳ ବିଭାଗ(ୱାଟସନ) ପକ୍ଷରୁ ସୂଚନା ଶିକ୍ଷା ଓ ଯୋଗାଯୋଗ(ଆଇସି) ସଚେତନତା ପାଇଁ ବିଭିନ୍ନ ପଞ୍ଚାୟତ ଅଧୀନ ଗ୍ରାମର ପ୍ରାଚୀରରେ ଅଙ୍କାଯାଇଥିବା ୱାଲପେଣ୍ଟିଂ କାର୍ଯ୍ୟରେ ଅନିୟମିତତା ନେଇ ଅଭିଯୋଗ ପରେ ଜିଲାସ୍ତରୀୟ ଅଧିକାରୀଙ୍କ ଏକ ଟିମ୍ ଖଇରା ବ୍ଲକ ଗସ୍ତରେ ଆସି ଏହାର ତଦନ୍ତ କରିଛନ୍ତି। ଜିଲା ପରିମଳ ପରାମର୍ଶଦାତ୍ରୀ ସ୍ୱର୍ଣ୍ଣଲତା ମହାନ୍ତି ଏବଂ ଅନ୍ୟତମ ଅଧିକାରୀ ଦିଲୀପ ମଣ୍ଡଳ ସୋମବାର ଅପରାହ୍ନରେ ଖଇରା ବ୍ଲକର ଅଚ୍ୟୁତିପୁର, ଡାଲଙ୍ଗ-୨, କୁପାରୀ, ନୟାଖଣ୍ଡି ଆଦି ପଞ୍ଚାୟତ ଗସ୍ତ କରି ୱାଲପେଣ୍ଟିଂଗୁଡିକ ବୁଲି ଦେଖିଛନ୍ତି। ସେହିଭଳି ବିଭିନ୍ନ ପଞ୍ଚାୟତରେ ନିର୍ମିତ ହୋଇଥିବା ଗୋଷ୍ଠୀ ଶୌଚାଳୟ, ଡଷ୍ଟବିନଗୁଡିକ ମଧ୍ୟ ବୁଲି ଦେଖିଥିଲେ। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରିଣୀଙ୍କୁ ପଚାରିବାରେ ପେଣ୍ଟିଂ କରୁଥିବା ସଂସ୍ଥାକୁ ୭୨୨ ନୁହେଁ ୨୪୪ ପେଣ୍ଟିଂର ବିଲ୍ ପ୍ରଦାନ କରାଯାଇଛି। କାମ ସରକାରୀ ଗାଇଡଲାଇନ ଅନୁଯାୟୀ ସମ୍ପୂର୍ଣ୍ଣ ହେବା ପରେ ବିଲ୍ ପୈଠ କରାଯାଇଛି। ଯେଉଁ ଗ୍ରାମରେ ସମ୍ପୂର୍ଣ୍ଣ ହୋଇନାହିଁ ତାର ବିଲ ପୈଠ କରାଯାଇ ନ ଥିବା କହିଛନ୍ତି । ଉକ୍ତ କାର୍ଯ୍ୟରେ ଅନିୟମିତତା ହୋଇଥିବା, ୭୨୨ଘରର ପାଇଁ ବିଲ୍ ଉଠାଇ ନିଆଯାଇଥିବା ଏବଂ ପେଣ୍ଟି ପାଇଁ ହୋଇଥିବା କାର୍ଯ୍ୟାଦେଶ ଠିକ୍ ଢଙ୍ଗରେ ହୋଇ ନ ଥିବା ନେଇ ୱାର୍ଡସଭ୍ୟା କୁଙ୍କୁମ ସାହୁ, ଉପେନ୍ଦ୍ରନାଥ ବେହେରା, ଜିତେନ୍ଦ୍ର ଖିଲାର, ଦୀପକ କୁମାର ସାହୁ, ରଘୁନାଥ ପରିଡା, ରଞ୍ଜୁଲତା ବେହେରା, ରୁଦ୍ରନାରାୟଣ ସାହୁ ପ୍ରମୁଖ ଜିଲାପାଳ,ପଞ୍ଚାୟତିରାଜ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

# ବାଉଁଶ ଦେଉଛି ସୁରକ୍ଷା

### ଅସୁରକ୍ଷିତ ମାର୍କେଟ କମ୍ପ୍ଲେକ୍ସ

### ଖର୍ଚ୍ଚ ଅଟକଳରେ କାର୍ଯ୍ୟ ସୀମିତ

ଚମ୍ପୁଆ,୩୧।୧୦(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଗାନ୍ଧୀଛକଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ ଅସୁରକ୍ଷିତ ଅବସ୍ଥାରେ ରହିଛି। ଉପର ମହଲାର ସୁରକ୍ଷା ବାଡ଼ ଭାଙ୍ଗିଯାଇଥିବା ବେଳେ ସାହାରା ପାଇଁ ଏକ ବାଉଁଶ ବାନ୍ଧାଯାଇଛି। ଏହାର ପ୍ରତିକାର ନିମନ୍ତେ ଚମ୍ପୁଆ ଏନ୍‌ଏସିର ଆନ୍ତରିକତାର ଅଭାବ ଦେଖାଯାଇଛି। ଅଭିଯୋଗ ପରେ ଅଧିକାରୀମାନେ ବୁଲି ଦେଖିବା ସହ ଖର୍ଚ୍ଚ ଅଟକଳ କରୁଛନ୍ତି, ମାତ୍ର ମରାମତି ହେଉନାହିଁ।

ସୂଚନା ଅନୁସାରେ, ସରକାରଙ୍କ ନିୟମ ଅନୁସାରେ ରାସ୍ତାକଡ଼ ଉଚ୍ଛେଦ ଅଭିଯାନରେ ଭାଙ୍ଗିଥିବା ଦୋକାନୀଙ୍କୁ ୨୦୧୦/୧୧ରେ ଉକ୍ତ ମାର୍କେଟ କମ୍ପ୍ଲେସ ନିର୍ମାଣ କରାଯାଇ ଥଇଥାନ କରାଯାଇଥିଲା। ନିମ୍ନମାନର କାମ ଯୋଗୁ ମାତ୍ର ୧୨ ବର୍ଷରେ ଏହାର ଅବସ୍ଥା ବିଗିଡ଼ି




ମାର୍କେଟ କମ୍ପ୍ଲେକ୍ସ ଉପର ମହଲାରେ ବାଉଁଶ ବନ୍ଧାଯାଇଛି ।

ଗଲାଣି। କେତେକ ଦୋକାନ ଘର ଛାତରୁ ପ୍ଲାଷ୍ଟର ଖସୁଛି। ଗ୍ରାହକଙ୍କ ସୁରକ୍ଷା ଦୃଷ୍ଟିରୁ ଉପର ମହଲାରେ ନିର୍ମାଣ କରାଯାଇଥିବା ବାଡ଼ ଆଜକୁ ୪ବର୍ଷ ହେବ ଭାଙ୍ଗି ଯାଇଛି। ଗ୍ରାହକଙ୍କୁ ସୁରକ୍ଷା ଦୃଷ୍ଟିରୁ ଦୋକାନୀ ଏକ ବାଉଁଶ ବାନ୍ଧି ରଖିଛନ୍ତି। କେତେବେଳେ ଯେ ଅଘଟଣ ନ ଘଟିବ କହିହେବ ନାହିଁ। ଏ ନେଇ ଦୋକାନୀଙ୍କ ପକ୍ଷରୁ ଅଭିଯୋଗ ପରେ ତଦନ୍ତ ହେଉଛି। କିନ୍ତୁ ତିନି ତିନି ଜଣ ନିର୍ବାହୀ ଅଧିକାରୀଙ୍କ ବଦଳି ହୋଇଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ନିର୍ମାଣ ହୋଇପାରିନାହିଁ। ଦୋକାନ ଗୃହ ବାବଦକୁ ଦୋକାନୀଙ୍କ ନିକଟରୁ ମାସିକ ଭଡ଼ା ଆଦାୟ କରାଯାଉଥିଲେ ମଧ୍ୟ ଅଭିଯୋଗର ସମାଧାନ ହେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଦୋକାନୀମାନେ ଦାବି କରିଛନ୍ତି। ଏ ନେଇ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କୁ ପଚାରିବାରୁ କହିଛନ୍ତି, ଏ ବିଷୟ ପ୍ରତି ଆମର ନଜର ରହିଛି। ଏକ ସପ୍ତାହ ମଧ୍ୟରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଠାକୁରମୁଣ୍ଡାରେ ଛଟ୍ ପୂଜା

ଠାକୁରମୁଣ୍ଡା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାଠାରେ ମାହୁରୀ ସମ୍ପ୍ରଦାୟର ଛଟ୍ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ଉକ୍ତ ସମ୍ପ୍ରଦାୟ ପକ୍ଷରୁ କଣ୍ଟାମଲ୍ଲୀ ନାଳରେ ସକାଳୁ ସୂର୍ଯ୍ୟ ଦେବଙ୍କୁ ପୂଜା କରାଯାଇଥିଲା। ଏଥିରେ ମାହୁରୀ ସମ୍ପ୍ରଦାୟର ଶତାଧିକ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଦୁର୍ନୀତି ନିବାରଣ ପାଇଁ ମିନି ମାରାଥନ, ସ୍ଥାନ:ରେମୁଣା ଗୋଲେଇ, ସମୟ: ପୂର୍ବାହ୍ନ ୭ଟା।
- ଜୁନିୟର ମହିଳା ହକି ଟିମ୍‌ର ଭୁବନେଶ୍ୱର ଗସ୍ତ, ସ୍ଥାନ: ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୮ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବସ୍ତା, ସମୟ: ପୂର୍ବାହ୍ନ ୯ଟା।
- ଗୋପାଷ୍ଟମୀ ପର୍ବ, ସ୍ଥାନ: ଜୟ ଗୋମାତା ଜୟ ଗୋପାଳ ମା' ଭାରତୀ ଗୋସେବା କେନ୍ଦ୍ର, ବାମପଦା, ସମୟ: ପୂର୍ବାହ୍ନ ୧୦ଟା।

**ସିମୁଳିଆ**

- ସମ୍ବିଧାନ ଯଜ୍ଞ, ସ୍ଥାନ: ରୁଢୁଙ୍ଗା, ସମୟ: ପୂର୍ବାହ୍ନ ୮ରୁ ଦିବସବ୍ୟାପୀ।

**ମୟୂରଭଞ୍ଜ**

- ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ଖୋଲିବ, ବାରିପଦାର ପିଠାବଟା ଓ ଯଶିପୁର କାଳିଆମୀ ଗେଟ୍, ସମୟ: ସକାଳ ୭ଟା।

## ଟ୍ରକ୍ ମାଲିକ ସଂଘର ଆମରଣ ଅନଶନ,୨ ଗୁରୁତର

କେନ୍ଦୁଝର, ୩୧।୧୦ (ସ୍ୱ.ପ୍ର.): କେନ୍ଦୁଝର ଟ୍ରକ୍ ମାଲିକ ସଂଘରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ପୁଞ୍ଜିଭୂତ ଅସନ୍ତୋଷ ଗୁରୁତର ରୂପ ନେଇଥିଲା। ଟ୍ରକ୍ ମାଲିକମାନେ ନିର୍ବାଚନ ତୁରନ୍ତ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ଟ୍ରକ୍ ମାଲିକ ରୁଦ୍ର ନାରାୟଣ ମିଶ୍ର, ଆୟସକାନ୍ତ ପଟ୍ଟନାୟକ ସମେତ ଅନ୍ୟମାନେ କହିଛନ୍ତି। ସନ୍ଧ୍ୟା ସମୟରେ ୨ ଆନ୍ଦୋଳନକାରୀ ଅସୁସ୍ଥ ହୋଇଥିବା ବେଳେ ଉଭୟଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଶିଶୁମିତ୍ର ଥାନା ଉଦ୍‌ଘାଟିତ

କେନ୍ଦୁଝର, ୩୧।୧୦ (ସ୍ୱ.ପ୍ର.) : କେନ୍ଦୁଝର ଟାଉନ ଥାନା ପରିସରରେ ସୋମବାର ଶିଶୁ ମିତ୍ର ଥାନା ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅନ୍‌ଲାଇନ୍‌ରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଛନ୍ତି। ବିଶେଷ କରି ଥାନାକୁ ବିଭିନ୍ନ ଅଭିଯୋଗ ନେଇ ଆସୁଥିବା ମହିଳାମାନଙ୍କର ପିଲାମାନେ ଏଠାରେ ରହି ସମୟ କଟାଇବେ। ସେମାନଙ୍କ ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ପ୍ରକାର ଖେଳନା ସାମଗ୍ରୀ ରହିଥିବାବେଳେ ଉକ୍ତ ଶିଶୁ ମିତ୍ର ଥାନାରେ ବିଭିନ୍ନ ଶିକ୍ଷଣୀୟ ଚିତ୍ର କାନ୍ଥରେ ଅଙ୍କିତ ହୋଇଛି। ଥାନା ପରିଚାଳନା ପାଇଁ ଜଣେ ମହିଳା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ପାତ୍ରଙ୍କୁ ତାଲିମ ଦିଆଯାଇଛି। ଉତ୍ସବରେ ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ, ସେକେଣ୍ଡ ଅଫିସର ସୁନିଲ ନନ୍ଦ, ସବ୍ ଇନ୍ସପେକ୍ଟର ଦିଲ୍ଲୀପ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଗ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା

ଖଇରା, ୩୧।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ହରିପୁର ପଞ୍ଚାୟତ ତାଲକୁରୁଆ ଗ୍ରାମର ଗଜେନ୍ଦ୍ର ରାଉତଙ୍କ ପୁଅ ବଳରାମ(୨୨) ରବିବାର ରାତିରେ ନିଜ ଶୋଇବା ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ୨ବର୍ଷ ତଳେ ଖଇରା ମହାବିଦ୍ୟାଳୟରୁ ଅର୍ଥନୀତି ସମ୍ମାନରେ ସ୍ନାତକରେ ସଫଳତାର ସହ ଉତ୍ତୀର୍ଣ୍ଣ ବଳରାମ ଚାକିରି ନ ମିଳିବା ପରେ ଘରୋଇ ଟ୍ୟୁଶନ କରି ଚଳୁଥିଲେ। ଅସାଧ ରୋଗର ଶିକାର ହେବା ପରେ ରୋଗଯନ୍ତ୍ରଣା ସହି ନ ପାରିବା କାରଣରୁ ସେ ଆତ୍ମହତ୍ୟା କରିଥିବା ସାଧାରଣରେ କୁହାଯାଇଛି। ଖଇରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ୨ରେ ଆନନ୍ଦପୁର ବନ୍ଦ ଡାକରା

ଆନନ୍ଦପୁର,୩୧।୧୦(ସ୍ୱ.ପ୍ର.) କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ସମ୍ମୁଖରେ କାଉନ୍‌ସିଲରମାନଙ୍କ ଧାରଣା ଷଷ୍ଠ ଦିନରେ ପହଞ୍ଚିଛି। ସୋମବାର ଆନନ୍ଦପୁର ଉପଜିଲାପାଳ ଅନୀଲ ସେଠୀ, ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ଆନନ୍ଦପୁର ଥାନା ଅଧିକାରୀ ସୁଶାନ୍ତ ଦାଶ ପ୍ରମୁଖ କାଉନ୍‌ସିଲରଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର କୌଣସି ସମାଧାନର ସୂତ୍ର ବାହାରି ପାରି ନ ଥିଲା। ଫଳରେ କାଉନ୍‌ସିଲରମାନେ ନଭେମ୍ବର ୨ରେ ଆନନ୍ଦପୁର ବନ୍ଦ କରିବାକୁ ଡାକରା ଦେଇଛନ୍ତି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ଗଣମାଧମ, ବିଭିନ୍ନ ଅନୁଷ୍ଠାନକୁ ସୂଚନା ଦେଇଛନ୍ତି। ଆନନ୍ଦପୁର ପୌରପରିଷଦର ବିକାଶ ପାଇଁ ଏଭଳି ନିଷ୍ପତ୍ତି ନେଇଥିବା କାଉନ୍‌ସିଲରମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୌରକାର୍ଯ୍ୟାଳୟ ବନ୍ଦ ରହିଥିବାରୁ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଠାରୁ ଆରମ୍ଭ କରି ଆବାସ ଯୋଜନାରେ ଆବେଦନ କରିବାରେ ନାନା ସମସ୍ୟା ସୃଷ୍ଟି ହେଉଛି। ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି।

# ପ୍ରଚାର ଅଭିଯାନ ସରଗରମ

ଧାମନଗର, ୩୧।୧୦ (ଡି.ଏନ୍.ଏ.)

ଧାମନଗର ଉପନିର୍ବାଚନ ପାଇଁ ଅସୁରାଳି ଜୋନ୍‌ରେ ପ୍ରଚାର ଅଭିଯାନ ବେଶ୍ ସରଗରମ ହେଉଛି। ବିରୋଧୀ ଦଳର ମୁଖ୍ୟ ସଚେତକ ତଥା କେନ୍ଦୁଝର ବିଧାୟକ ମୋହନ ଚରଣ ମାଝି ଓ ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ ସୋମବାର ଖପରପଦା ପଞ୍ଚାୟତର ସରପୁର ଅଞ୍ଚଳରେ ପ୍ରଚାର କରିଛନ୍ତି। ସେମାନେ ମିଳିତ ଭାବେ ଶତାଧିକ ପରିବାରକୁ ଭେଟି ବିଜେଡିର ଦୁର୍ନୀତି ସମ୍ପର୍କରେ ବୁଝାଇବା ସହ ବିଷ୍ଣୁ ସେଠୀଙ୍କ ବିଧାୟକ ସମୟରେ ସରପୁର ଗ୍ରାମର ସର୍ବାଙ୍ଗୀନ ବିକାଶ ହୋଇଥିବା ଦର୍ଶାଇ ତାଙ୍କ ପୁତ୍ର ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ନିର୍ବାଚନରେ ଜିତାଇବାକୁ ଭୋଟ ଭିକ୍ଷା କରିଥିଲେ। ଶତାଧିକ ମହିଳା ଓ ପୁରୁଷ ଭାଜପା ସମର୍ଥକ ସର୍ବେଶ୍ୱର ମହାଦେବ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ଘର



ବିଧାୟକ ମୋହନ ମାଝି ଓ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ ପ୍ରଚାର କରୁଛନ୍ତି।

ଘର ବୁଲି ଭୋଟରଙ୍କୁ ଭେଟିଥିଲେ। ଜିଲା ମିଡିଆ ସେଲ୍‌ର ଅଧ୍ୟକ୍ଷ ବୈକୁଣ୍ଠ ନାଥ ସାହୁ, ଶହୀଦ ମଣ୍ଡଳ ପ୍ରଭାରୀ ପ୍ରଦୀପ କୁମାର ବଳ, ପୂର୍ବତନ ଜିଲା ପରିଷଦ ସଭ୍ୟା ଉମାମଣି ସାହୁ, ସୁସ୍ମିତା ଲେଙ୍କା, ରଘୁନାଥ ବିଶ୍ୱାଳ, କେଶବ ଚନ୍ଦ୍ର ଦାଶ, ଉଜ୍ଜ୍ୱଳ ନାଥ, ତପନ ସାହୁ, ଯୁଧିଷ୍ଠିର ସାହୁ, ଗୋବିନ୍ଦ ସାହୁ, ରଞ୍ଜିତ ପତି, ମାନସ ଜେନା, ଯୋଗେନ୍ଦ୍ର ସାହୁ, ରଶ୍ମିତା ସାହୁ, ଆରତି ସେଠୀ, ମିନତି ସେଠୀ, ସସ୍ମିତା ସାହୁ, ବିଶ୍ୱଜିତ ସାହୁ, ଦିବାକର ସାହୁ, ମଧୁସୂଦନ ସେଠୀ, ନରହରି ବିଶ୍ୱାଳ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ।

ସେହିପରି ସୂର୍ଯ୍ୟବଂଶୀ କଲ୍ୟାଣୀ ପଞ୍ଚାୟତରେ ହନୁମାନ

### ଧାମନଗର ଉପନିର୍ବାଚନ
### ସୂର୍ଯ୍ୟବଂଶୀଙ୍କ ପାଇଁ ଭୋଟଭିକ୍ଷା କଲେ ମୋହନ, ମନସ୍ମିତା

ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଏକ ବିଶାଳ ମୋଟର ସାଇକଲ ରାଲିରେ ସମସ୍ତ ଗ୍ରାମ ବୁଲି ମା', ଭଉଣୀ, ଗୁରୁଜନ ଏବଂ ବୁଦ୍ଧିଜୀବୀମାନଙ୍କଠାରୁ ଆଶୀର୍ବାଦ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଭାଜପା ଯୁବମୋର୍ଚ୍ଚା ଦ୍ୱାରା ସୂର୍ଯ୍ୟବଂଶୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦଳର ବରିଷ୍ଠ ନେତା ବଦ୍ରି ଧଳ, ରାଜ୍ୟ ଭାଜପାର ବରିଷ୍ଠ ନେତା ମୁରଲୀ ମନୋହର ଶର୍ମା, ଗ୍ରାମୀଣ ମଣ୍ଡଳ ସଭାପତି ଦୀପ୍ତି ରଞ୍ଜନ ଜେନା, ଜିଲା ଉପସଭାପତି ଜିତେନ୍ଦ୍ର ନାୟକ, ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ପ୍ରକାଶ ମଲ୍ଲିକ, ଶକ୍ତିକେନ୍ଦ୍ର ପ୍ରମୁଖ ପ୍ରଶାନ୍ତ ଜେନାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କ କ୍ୟାମ୍ପେନ



ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ନେତୃବୃନ୍ଦ।

ଧାମନଗର,୩୧।୧୦(ସ୍ୱ.ପ୍ର.)

କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସୋମବାର ଧାମନଗର ବ୍ଲକର ନୂଆନନ୍ଦ, ଭଗବାନପୁର ଓ ଦଇପୁର ପଞ୍ଚାୟତରେ ଦଳୀୟ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ସାଧାରଣ ସଭା, ପଦଯାତ୍ରା ଓ ବାଇକ୍ ଶୋଭାଯାତ୍ରା କରି ଲୋକଙ୍କୁ ଭୋଟ୍ ମାଗିଛନ୍ତି। ତାଙ୍କ ସହ ଉଦଳା ବିଧାୟକ ଭାସ୍କର ମଢ଼େଇ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, କେନ୍ଦ୍ରୀୟ ସମ୍ପାଦକ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାତ୍ର ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। ଅପରାହ୍ନରେ ଭଗବାନପୁର ପଞ୍ଚାୟତର ପଳିକିରି ଛକଠାରୁ ବାଇକ୍ ଶୋଭାଯାତ୍ରା ବାହାରି ବ୍ରହ୍ମପୁରଠାରେ ଶେଷ ହୋଇଥିଲା।

# ପିଙ୍କ୍ ବୁଥ୍ ପାଇଁ ପୋଲିଂ ଦଳକୁ ତାଲିମ

ଭଦ୍ରକ ଅଫିସ, ୩୧।୧୦

ଧାମନଗର ଉପନିର୍ବାଚନରେ ୫ ପିଙ୍କ୍ ବୁଥ୍ ଓ ୧୫ ଆଦର୍ଶ ବୁଥ୍ କରାଯାଇଛି। ଧାମନଗର ଏନ୍‌ଏସିର ଦକ୍ଷିଣବାଡ଼, ୧୧୧ ନଂ. ବୁଥ୍ ମହେନ୍ଦ୍ର ନୋଡାଲ ୟୁପି ସ୍କୁଲ, ତାଳପଦା ୧୧୩ ନଂ. ବୁଥ୍ ତାଳପଦା ନୋଡାଲ ୟୁପି ସ୍କୁଲ, ଜୟନଗରର ୧୧୭ ନଂ. ବୁଥ୍ ଅନନ୍ତ କେଶରୀ ୟୁ.ପି. ଏମ୍.ଇ. ସ୍କୁଲ, ଶ୍ୟାମପୁରର ୧୩୦ ନଂ. ବୁଥ୍ ଧାମନଗର ହାଇସ୍କୁଲ ଓ ୧୩୧ ନଂ. ବୁଥ୍ ଧାମନଗର ହାଇସ୍କୁଲକୁ ପିଙ୍କ୍ ବୁଥ୍ କରାଯାଇଛି। ଏସବୁ ପିଙ୍କ୍ ବୁଥ୍ ପାଇଁ ନିୟୋଜିତ ପୋଲିଂ ଦଳର ପ୍ରିଜାଇଡିଂ ଅଧିକାରୀ, ପୋଲିଂ କର୍ମଚାରୀ ଓ ମାଇକ୍ରୋ ଅବ୍‌ଜରଭରମାନଙ୍କୁ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଦିଆଯାଇଛି।

ସାଧାରଣ ପର୍ଯ୍ୟବେକ୍ଷକ ନିରଞ୍ଜନ କୁମାର, ଅତିରିକ୍ତ ଜିଲାପାଳ ଶାନ୍ତନୁକୁମାର ମହାନ୍ତି ଓ ନିର୍ବାଚନ ଅଧିକାରୀ ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ଉପସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ମାଷ୍ଟର ଟ୍ରେନରମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଏହି ପିଙ୍କ୍ ବୁଥ୍‌ରେ ମହିଳାମାନଙ୍କୁ ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ କର୍ମଚାରୀ ଭାବେ ନିୟୋଜିତ କରାଯାଇଥାଏ। ସେହିପରି ଏହି ଉପନିର୍ବାଚନରେ ମତଦାନ ହାର ବୃଦ୍ଧି ଲାଗି ଭୋଟରଙ୍କୁ ଆକର୍ଷଣ କରାଯିବା ପାଇଁ ଧାମନଗର ବ୍ଲକରେ ୧୦ ଓ ତିହିଡ଼ି ବ୍ଲକରେ ୫ ବୁଥ୍‌କୁ ଆଦର୍ଶ ବୁଥ୍ ଭାବେ ତାଲିକାଭୁକ୍ତ କରାଯାଇଛି।

## ବୁଢ଼ୀକାପୁଡ଼ିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




ବିଧାୟକଙ୍କ ସହ ବିଜେଡି କର୍ମୀ।

ପାଟଣା,୩୧।୧୦(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବୁଢ଼ୀକାପୁଡ଼ି ପଞ୍ଚାୟତ ତେନ୍ତେଲା ଗ୍ରାମରେ ସୋମବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପଦଯାତ୍ରା ତୁରୁମୁଙ୍ଗା, ରାଜନଗର, ପଞ୍ଚାୟତ ବିଭିନ୍ନ ଗ୍ରାମ ପରିକ୍ରମା କରି ମୁରୁସୁଆଁ ପଞ୍ଚାୟତରେ ଶେଷ ହୋଇଥିଲା। ପଦଯାତ୍ରାରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ବିଜେଡି ବ୍ଲକ୍ ସଭାପତି ମାଧବାନନ୍ଦ ପୃଷ୍ଟି, ୨୩ ନଂ. ଜିଲା ପରିଷଦ ସଭ୍ୟା ରୁନୁ ମହାନ୍ତ, ୨୧ ନଂ. ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ନାୟକ, ୨୨ ନଂ. ସୌଭାଗ୍ୟ ମଞ୍ଜରୀ ନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ, ବରିଷ୍ଠ ନେତା ମିତ୍ର ଭାନୁ ମହାନ୍ତ, ରତନ ସେଠୀ, ଅଯୋଧ୍ୟା ପୃଷ୍ଟି, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ସୌମ୍ୟ ରଞ୍ଜନ ରାଉତ, କାମିନୀକାନ୍ତ ଦ୍ୱିବେଦୀ, ବ୍ଲକ ଛାତ୍ର ବିଜେଡି ସଭାପତି ରଘୁବର ମହାନ୍ତ, ଜିଲା ବିଜେଡି ଯୁବ ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବେହେରା, ସାହାରପଡ଼ା ବ୍ଲକ୍ ବିଜେଡି ଯୁବ ସଭାପତି ସତ୍ୟ ନାରାୟଣ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ମୁକ୍ତ, ନିରପେକ୍ଷ ଉପନିର୍ବାଚନ ଦାବିରେ ଭାଜପାର ସତ୍ୟାଗ୍ରହ

ଭଦ୍ରକ ଅଫିସ, ୩୧।୧୦

ଧାମନଗରରେ ମୁକ୍ତ ଓ ନିରପେକ୍ଷ ଉପନିର୍ବାଚନ ଦାବିରେ ଭାଜପା ପକ୍ଷରୁ ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ସତ୍ୟାଗ୍ରହ କରାଯାଇଛି। ରବିବାର ରାତିରେ ଧାମନଗର ବ୍ଲକ କରଦା ପଞ୍ଚାୟତର ଅଲ୍ଲୀନଗର ଗ୍ରାମରେ ଭୋଟ୍ ପାଇଁ ଟଙ୍କା ବଣ୍ଟା ଘଟଣାରେ ପୋଲିସର ପକ୍ଷପାତିତା ବିରୋଧରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ ନେତାମାନେ ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ଓ ପୋଲିସ ଶାସକ ଦଳ ଇଙ୍ଗିତରେ କାର୍ଯ୍ୟ କରୁଥିବା ଅଭିଯୋଗ କରିବା ସହ ଅବାଧ, ମୁକ୍ତ ନିର୍ବାଚନ ପାଇଁ କାର୍ଯ୍ୟ କରନ୍ତୁ ଓ ଜନମତକୁ ସମ୍ମାନ ଦିଅନ୍ତୁ ବୋଲି ଦାବି କରାଯାଇଛି। ପୂର୍ବାହ୍ନ ୧୦ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲିଥିଲା। ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡା ସମୀରଙ୍କ




ଏସ୍‌ପି ଅଫିସ ଆଗରେ ଧାରଣାରେ ବସିଛନ୍ତି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସହ ଭାଜପା ନେତା।

ସହ ଆଲୋଚନା କରି ନିର୍ବାଚନରେ ଯେକୌଣସି ବିଶୃଙ୍ଖଳା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଭାଜପା ନେତାମାନେ ସତ୍ୟାଗ୍ରହରୁ ଉଠିଥିଲେ।

ଭାଜପାର ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଗୋଲକ ମହାପାତ୍ର, ଜିଲା ପ୍ରଭାରୀ କାଳନ୍ଦୀ ସାମଲ, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ, ପଞ୍ଚାନନ ରାଉତ, ଡା. ପ୍ରଦୀପ ମହାପାତ୍ର, ମନସ୍ମିତା ଖୁଣ୍ଟିଆଙ୍କ ସମେତ ବହୁ ନେତା ଓ କର୍ମୀ ଏଥିରେ ସାମିଲ ଥିଲେ।

## ସ୍କୁଲ ଖୋଲିବାକୁ ଜିଲାପାଳଙ୍କୁ ଗୁହାରି

ବାଲେଶ୍ୱର ଅଫିସ, ୩୧।୧୦

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ ହାଟସାହି ବିଷ୍ଣୁପ୍ରିୟା ପ୍ରାଥମିକ ବିଦ୍ୟାଳୟ ଗତ ୩ବର୍ଷ ଧରି ପ୍ରଥମେ ମହାମାରୀ କରୋନା ଓ ପରେ ଛାତ୍ରୀଛାତ୍ର ଅଭାବ କାରଣରୁ ବନ୍ଦ କରି ଦିଆଯାଇଥିଲା। ଏହାକୁ ପୁନର୍ବାର ଖୋଲିବା ପାଇଁ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ସୋମବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଭେଟି ଗୁହାରି ଜଣାଇଛନ୍ତି। ଏଥିସହିତ ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାରଙ୍କୁ ମଧ୍ୟ ଲିଖିତ ଅନୁରୋଧ କରିଛନ୍ତି। ହାଟସାହି ବିଷ୍ଣୁପ୍ରିୟା ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନୀୟ ଲୋକେ ପ୍ରାଥମିକ ଶିକ୍ଷା ନିମନ୍ତେ ୩୨ବର୍ଷ ପୂର୍ବରୁ ପ୍ରତିଷ୍ଠା କରିଥିଲେ। ଉକ୍ତ ଅଞ୍ଚଳ ପାଇଁ ଏହି ବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଉକ୍ତ ବିଦ୍ୟାଳୟରେ ଗ୍ରାମରେ ବସବାସ କରୁଥିବା ପିଲାମାନେ ପାଠ ପଢ଼ି ଆସୁଥିଲେ। କରୋନା ପରେ ଉକ୍ତ ବିଦ୍ୟାଳୟରେ ଥିବା ଶିକ୍ଷକଙ୍କ ସ୍ୱାସ୍ଥ୍ୟଗତ ଅବସ୍ଥା ଶୋଚନୀୟ ହେବା ଫଳରେ ପିଲା ସଂଖ୍ୟା କମିଥିଲେ। ସରକାରଙ୍କ ନିୟମ ଅନୁସାରେ ୧ କି.ମି.ରୁ ଉର୍ଦ୍ଧ୍ୱରେ ଥିବା ଏକ ବିଦ୍ୟାଳୟ ସହିତ ମିଶ୍ରଣ କରାଯାଇଥିଲା। ଯେଉଁ ବିଦ୍ୟାଳୟ ସହ ଏହି ବିଦ୍ୟାଳୟକୁ ମିଶ୍ରଣ କରାଯାଇଛି ତାହା ନୀଳଗିରି-ପଞ୍ଚଲିଙ୍ଗେଶ୍ୱର ମୁଖ୍ୟ ରାସ୍ତା ସହ ସଂଯୁକ୍ତ ଅଟେ। ଫଳରେ ଛାତ୍ରୀଛାତ୍ରମାନେ ସେଠାକୁ ଏକୁଟିଆ ଯିବା ସମ୍ଭବ ନୁହେଁ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ବିଦ୍ୟାଳୟକୁ ପୁନର୍ବାର ଖୋଲିବା ପାଇଁ ୱାର୍ଡ଼ମେମ୍ବର ମହେନ୍ଦ୍ର ନାଥ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଦାବି କରିଛନ୍ତି।

## ବିଡିଓଙ୍କୁ ଫେରାଦ ହେଲେ ହିତାଧିକାରୀ
### ଆବାସଗୃହ ତାଲିକାରୁ ବାଦ ପଡ଼ିବା ଅଭିଯୋଗ

ବେତନଟୀ,୩୧।୧୦(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ପୁରିନ୍ଦା ପଞ୍ଚାୟତରେ ଆବାସଗୃହ ତାଲିକାରୁ ବହୁ ଯୋଗ୍ୟ ହିତାଧିକାରୀଙ୍କ ନାମ ବାଦ ପଡ଼ିଥିବା ଅଭିଯୋଗ ହୋଇଛି। ଏ ନେଇ ହିତାଧିକାରୀମାନେ ବିଡିଓଙ୍କୁ ଫେରାଦ ହୋଇଛନ୍ତି।

ସୂଚନା ଅନୁଯାୟୀ, କିଛିଦିନ ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଏବଂ ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍ )ମାନଙ୍କୁ ନେଇ ପ୍ରତ୍ୟେକ ଗାଁରେ ସର୍ଭେ କରାଯାଇଥିଲା। ଏହି ସର୍ଭେ ରିପୋର୍ଟ ଆଧାରରେ ଆବାସଗୃହ ତାଲିକାରେ ଥିବା ଅନେକ ହିତାଧିକାରୀଙ୍କ ନାମ କଟି ଯାଇଥିଲା। ଯାହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପୁରିନ୍ଦା ସରପଞ୍ଚ ଚୈତନ୍ୟ ହେମ୍ବ୍ରମ, ପ୍ରାକ୍ତନ ସମିତିସଭ୍ୟ ଟିକାରାମ ମହାନ୍ତ, ପୁରିନ୍ଦା ପଞ୍ଚାୟତ ଅନ୍ତର୍ଗତ ୧୨ଟି ୱାର୍ଡର ୱାର୍ଡସଭ୍ୟା ସଭ୍ୟଙ୍କ ସମେତ ରଣଜିତ ମହାନ୍ତ, ଶୋଭାକର ମହାନ୍ତ ଏବଂ ଅନ୍ୟାନ୍ୟ ଗ୍ରାମବାସୀ ସୋମବାର ବିଡିଓ ଛବିରାଣୀ ସାହୁଙ୍କୁ ଭେଟି ଅଭିଯୋଗ କରିଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ତାଲିକାରୁ ବାଦ ପଡ଼ିଥିବା ହିତାଧିକାରୀଙ୍କ ବାବଦରେ ବିଚାର କରାଯିବ ବୋଲି ବିଡିଓ ସାହୁ କହିଥିବା ଜଣାପଡ଼ିଛି।

# ଶପଥ ନେଲେ ଅଧିକାରୀ

କେନ୍ଦୁଝର,୩୧।୧୦(ଡିଏନ୍‌ଏ/ସ୍ୱ.ପ୍ର)

ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଭାରତରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ, ରାଷ୍ଟ୍ରୀୟ ଏକତା ଦିବସ ଓ ସପଥ ପାଠ ଉତ୍ସବ ସୋମବାର କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଦରବାର ହଲଠାରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଯଦୁମଣି ମହଲା, ଆଇଏଏସ୍. ପ୍ରୋବେସନର୍ ଧିମେନ୍ ଚକମା ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ସମ୍ପର୍କରେ ଉଦ୍‌ବୋଧନ ଦେଇ ଅଧିକାରୀମାନଙ୍କୁ ଶପଥପାଠ କରାଇଥିଲେ। ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ସଞ୍ଜିବ ବାରିକ ପ୍ରାରମ୍ଭରେ ରାଷ୍ଟ୍ରୀୟ ଏକତା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗ/ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କୁ ଫେରାଦହେଲେ ଜନପ୍ରତିନିଧି

ତେଲକୋଇ,୩୧।୧୦(ଡି.ଏନ୍.ଏ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ସଭାଗୃହଠାରେ ଗତ ଶନିବାର ହୋଇଥିବା ଜନ ଶୁଣାଣିକୁ ନେଇ ବିବାଦ ଦେଖାଦେଇଛି। ଶିବିର ସମ୍ପର୍କରେ କାହାକୁ ସୂଚନା ଦିଆଯାଇ ନ ଥିଲା। ଏ ନେଇ ଜନପ୍ରତିନିଧିଙ୍କ ସହ ବିଭିନ୍ନ ସଂଗଠନ ଓ ଭାଜପା ଜିଲାପାଳ ଆଶିଷ୍ ଠାକ୍‌ରେଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶିବିରରେ ଜିଲା ପରିଷଦ ଚିଠି ସଂଖ୍ୟା ୫୩୯୫/୨୦ ସେପ୍ଟେମ୍ବର ୨୦୨୨ ନିର୍ଦ୍ଦେଶ ଅନୁଯାୟୀ ୧ ଏପ୍ରିଲ ୨୦୨୧ ଠାରୁ ୩୧ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଯୋଜନାର ସମୀକ୍ଷା, ଆପତ୍ତି ଅଭିଯୋଗ ଶୁଣାଣି କରାଯିବାର ଥିଲା। କିନ୍ତୁ ବ୍ଲକ୍ ପ୍ରଶାସନ ଜନପ୍ରତିନିଧିଙ୍କୁ ସୂଚନା ନ ଦେଇ ଶିବିର କରିଥିବା ଅଭିଯୋଗ ପରି ନିଖିଳ ଉତ୍କଳ ଚଷା ସମାଜ ସାଧାରଣ ସମ୍ପାଦକ ବାଶବରାଜ ପ୍ରଧାନ, ୨୦ ନଂ. ଜିଲା ପରିଷଦ ସଭ୍ୟ ହରିହର ପ୍ରଧାନ, ତେଲକୋଇ ଭାଜପା ମଣ୍ଡଳ ସଭାପତି ସତ୍ୟନାରାୟଣ ସାହୁ, ଆଦିବାସୀ ମୋର୍ଚ୍ଚା ଜିଲା ସଭାପତି ମାନସ ନାୟକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ସାମାଜିକ ସମୀକ୍ଷା ଅଧିକାରୀ ଚନ୍ଦନ ଆଇଚଙ୍କୁ ପଚାରିବାରୁ

### ବିନା ସୂଚନାରେ ଜନଶୁଣାଣି ଶିବିର

ଏ ସମ୍ପର୍କରେ ବିଡିଓଙ୍କୁ ପଚାରନ୍ତୁ ବୋଲି ସେ କହିଥିଲେ। ଉପଜିଲାପାଳ ରାମଚନ୍ଦ୍ର କିଶକୁଙ୍କୁ ପଚାରିବାରୁ କୁହନ୍ତି, ସମସ୍ତଙ୍କୁ ଜଣାଇବା କଥା ବୋଲି କହିଥିଲେ। ତେଲକୋଇ ବିଡିଓ ସାନ୍ତନୁ ନାୟକ କହିଛନ୍ତି ଯେ, ସେ ସମସ୍ତ ସରପଞ୍ଚ, ପିଇଓ, ପିଏ ଆଇଟିଡିଏ (କେନ୍ଦୁଝର), ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା, ବନାଞ୍ଚଳ ଅଧିକାରୀ (ତେଲକୋଇ), ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗକୁ ଚିଠି (ନଂ ୪୩୯୦/୧୯ଅକ୍ଟୋବର୨୦୨୨)ରେ ଜଣାଇଥିଲେ ବୋଲି କହିଥିଲେ।

# ଧାରଣା ଦେଲେ ଅଭିଭାବକ, ଗ୍ରାମବାସୀ

### ଅବ୍ୟବସ୍ଥାରେ ଦୋବାଟି ପ୍ରାଥମିକ ବିଦ୍ୟାଳୟ

ନୀଳଗିରି, ୩୧।୧୦(ସ୍ୱ.ପ୍ର.)

ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ଦୋବାଟି ପ୍ରାଥମିକ ବିଦ୍ୟାଳୟ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ୨ଜଣ ଶିକ୍ଷକରେ ୫ ଶ୍ରେଣୀ ଚାଲିଛି। ଦୀର୍ଘଦିନର ଅପେକ୍ଷା ପରେ ମଧ୍ୟ କୌଣସି ସୁଧାର ନ ଆସିବାରୁ ଶେଷରେ ବାଧ୍ୟ ହୋଇ ସ୍କୁଲରେ ତାଲା ପକାଇ ଧାରଣାରେ ବସିଛନ୍ତି ଅଭିଭାବକ ଓ ଗ୍ରାମବାସୀ ।

୫ଟି ଶ୍ରେଣୀକୁ ୨ଟି ଶ୍ରେଣୀଗୃହ ଥିବା ବେଳେ ୩ଜଣ ଶିକ୍ଷକରେ ସ୍କୁଲ ଚାଲିଥିଲା। କିଛି ଦିନ ପୂର୍ବରୁ ବ୍ଲକ ଶିକ୍ଷାଧିକାରୀ ଜଣେ ଶିକ୍ଷକଙ୍କୁ ଅପସାରଣ କରିନେବା ଫଳରେ ୨ଜଣ ଶିକ୍ଷକରେ ସ୍କୁଲ ଚାଲିଛି। କିନ୍ତୁ ବିଦ୍ୟାଳୟରେ ସ୍କୁଲ



ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଧାରଣା।

ହେବା ଦିନଠାରୁ ଏ ପର୍ଯ୍ୟନ୍ତ ୫ଟି ଶ୍ରେଣୀକୁ ୨ଟି ଶ୍ରେଣୀଗୃହ ଥିବା ବେଳେ ପିଲାମାନଙ୍କୁ ପାଠପଢ଼ାରେ ଘୋର ଅସୁବିଧା ହେଉଛି । ପାନୀୟ ଜଳ ପାଇଁ ବାହାରକୁ ଯିବାକୁ ପଡୁଛି । ପାଇଖାନା ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏ ବିଷୟରେ ନୀଳଗିରି ବ୍ଲକ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଅଭିଭାବକ ଓ ଗ୍ରାମବାସୀ ମିଳିତ ହୋଇ ବିଦ୍ୟାଳୟ ଫାଟକ ବନ୍ଦ କରିବା ସହ ଧାରଣାରେ ବସିଥିଲେ। ନୀଳଗିରି ବିଡିଓ ରାହୁଲ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ଗଞ୍ଜେଇ ବେପାରୀ ଗିରଫ**

ଖୁଣ୍ଟା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ବିଭାଗ ଅଧୀନ ଡୁକୁରା ଅଞ୍ଚଳରେ ସୋମବାର ବାରିପଦା ଅବକାରୀ ବିଭାଗ ଓ ମୋବାଇଲ ଟିମ ଚଢ଼ାଉ କରି ଜଣେ ଚୋରା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୮୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଡୁକୁରା ଗ୍ରାମର ବଲାୟ ବେହେରା ।

# ମନମୋହୁଛି ଶିମିଳିପାଳର ଅର୍କିଡ୍

**ବାରିପଦା ଅଫିସ,୩୧।୧୦**

ସବୁଜ ବନାନୀରେ ସଜେଇ ହୋଇଛି ପ୍ରକୃତିର ଗନ୍ତାଘର ଶିମିଳିପାଳ ଅଭୟାରଣ୍ୟ । ସୁଉଚ୍ଚ ଜଳପ୍ରପାତ ଓ ରଙ୍ଗବେରଙ୍ଗର ଫୁଲର ସମ୍ଭାର ସାଙ୍ଗକୁ ଧଳା ବାଦଲର ଓଢଣି ଢାଙ୍କି ପ୍ରକୃତିର ରାଣୀ ନବବଧୂ ରୂପରେ ପସରା ମେଲିଛି। ଏହି ଫୁଲ ମଧ୍ୟରେ ଦୁର୍ଲଭ ଅର୍କିଡ(ମଳାଙ୍ଗ) ଆକର୍ଷଣ ସାଜିଛି। ନଭେମ୍ବର ୧ରୁ ଶିମିଳିପାଳ ଖୋଲିବାକୁ ଥିବାରୁ ଏହାର ମନଲୋଭା ଐଶ୍ୱର୍ଯ୍ୟ ପ୍ରକୃତି ପ୍ରେମୀଙ୍କୁ ବେଶ ଆମୋଦ ଦେବ ବୋଲି ଆଶା କରାଯାଉଛି।

ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବ ମଣ୍ଡଳ ହେଉଛି ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ । ୨୭୫୦ବର୍ଗ କି.ମି. ବ୍ୟାପ୍ତ ଏହାର ପରିଧି ମଧ୍ୟରେ ରହିଛି ଅନେକ ପର୍ଯ୍ୟଟନସ୍ଥଳୀ । ଯୋରନ୍ଦା, ବରେହିପାଣି, ଉସ୍କି ଆଦି ଜଳପ୍ରପାତ ସୁଉଚ୍ଚ ପର୍ବତର ଛାତି ଚିରି ଘଞ୍ଚ ଜଙ୍ଗଲ ମଧ୍ୟରେ କୁଳୁ କୁଳୁ ହୋଇ ବୋହି ଯାଉଛନ୍ତି । ପର୍ଯ୍ୟଟନ ଋତୁରେ ଏହି ସବୁ ସ୍ଥାନକୁ ଦେଖିବା ପାଇଁ ଭିଡ଼ ଜମିଥାଏ। ଅତି ନିକଟରେ ଜଙ୍ଗଲି ଜୀବଜନ୍ତୁ ଦେଖି ପର୍ଯ୍ୟଟକମାନେ ଆନନ୍ଦିତ ହୋଇଥାନ୍ତି। ଏହା ସହିତ ନାନା ପ୍ରଜାତିର ରଙ୍ଗବେରଙ୍ଗର ଫୁଲ, ଫଳ ଓ ଗଛଲତାକୁ ଦେଖିବାକୁ ମିଳିଥାଏ । ଭାରତରେ ଥିବା ଅର୍କିଡ ମଧ୍ୟରୁ ୭ପ୍ରତିଶତ ଶିମିଳିପାଳରେ ରହିଥିବା ଜଣାପଡ଼ିଛି। ଶିମିଳିପାଳ ଅଭୟାରଣ୍ୟରେ ୯୬ପ୍ରକାର ଅର୍କିଡ ଗଛ ଦେଖାଯାଇଥିବା ବେଳେ ବର୍ତ୍ତମାନ ଏମାନଙ୍କ ସଂଖ୍ୟା ଶହେରୁ ଉର୍ଦ୍ଧ୍ୱ ହୋଇଛି । ଚଳିତ ବର୍ଷ ଶିମିଳିପାଳରେ ନୂତନ ଭାବେ ୧୦ପ୍ରକାର ଅର୍କିଡ ଆବିଷ୍କାର କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏଠାରେ ଫୁଟୁଥିବା ୨ଟି ପ୍ରଜାତିର ଅର୍କିଡ ଭାରତର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ। ଏଗୁଡ଼ିକ ହେଲା ବୁଲବୋ ଫାଇଲୁମ ପାଣିଗ୍ରାହୀୟାନମ ଓ ଏରିଆ ମେଘାସନିସ। ଅର୍କିଡ ହେଉଛି ଏକ ପ୍ରକାର ଲତା ପ୍ରଜାତିର ଗଛ। ଯାହାକୁ ଓଡ଼ିଶାରେ ମଦାଙ୍ଗ ବା ମଳାଙ୍ଗ କୁହନ୍ତି। ଜଙ୍ଗଲରେ ଏହି ଅର୍କିଡ ଲତା ବା ମଳାଙ୍ଗ ଯେକୌଣସି ଗଛ ଉପରେ ବଢ଼ିଥାଏ । ଏବେ ଘରମାନଙ୍କରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଅର୍କିଡ ଗଛକୁ କୁଣ୍ଡରେ ମଧ୍ୟ ଲଗାଯାଉଛି। ଅର୍କିଡ ଗଛର ଫୁଲ ହେଉଛି ଅତି ଦୁର୍ଲଭ। କାରଣ ଏହା ଥରେ ଫୁଲ ଫୁଟିଲେ ଏକମାସ ପର୍ଯ୍ୟନ୍ତ ସତେଜ ହୋଇ ରହିଥାଏ । ତେବେ ଶିମିଳିପାଳ ଅଭୟାରଣ୍ୟରେ ବିଭିନ୍ନ ରଙ୍ଗର ଫୁଲ ଫୁଟିଥାଏ। ସାଧାରଣତଃ ଫେବୃଆରୀ ମାସରୁ ଆରମ୍ଭ କରି ଅକ୍ଟୋବର ମଧ୍ୟରେ ଏହି ଫୁଲ ଅଧିକ ମାତ୍ରାରେ ଫୁଟିଥାଏ । ଅର୍କିଡ ଗଛ ଗୁଡିକ ଶୀତଳ ଏବଂ ଅତି ଥଣ୍ଡା ପରିବେଶରେ ଭଲଭାବେ ବଢିପାରନ୍ତି। ଖାସ୍ ସେଥିପାଇଁ ଏପର୍ଯ୍ୟନ୍ତ ଶିମିଳିପାଳରେ ଏହି ଗଛ ଅଧିକ ଦେଖାଯାଏ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି । ଅର୍କିଡ କେବଳ ଫୁଲ ପାଇଁ ପ୍ରସିଦ୍ଧ ନୁହେଁ ବରଂ ଔଷଧ ପାଇଁ ମଧ୍ୟ ଏହି ଗଛର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ରହିଛି। ତେଣୁ ଗବେଷକ, ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ଓ ଉଦ୍ଭିଦ ବିଜ୍ଞାନୀ ଶିମିଳିପାଳରେ ଥିବା ଅର୍କିଡ ଉପରେ ଅଧିକ ଜ୍ଞାନ ଆହୋରଣ କରିବା ପାଇଁ ଅନୁସନ୍ଧାନରେ ଆସିଥାନ୍ତି ବୋଲି ଉଦ୍ଭିଦ ବିଜ୍ଞାନୀ ଡା.ଦେବାଶିଷ ବେହେରା ପ୍ରକାଶ କରିଛନ୍ତି। ସେହିପରି ଅର୍କିଡ ଗଛ ଶିମିଳିପାଳରେ ଅଧିକ ପରିମାଣରେ ମିଳୁଥିବାରୁ ପରୀକ୍ଷା ନିରୀକ୍ଷା ପାଇଁ ଶିମିଳିପାଳର ଗୁଡ୍ଗୁଡିଆଠାରେ ଏକ ଅର୍କିଡ ସଂରକ୍ଷଣ କେନ୍ଦ୍ର ୧୯୭୮ମସିହାରେ ସ୍ଥାପନ କରାଯାଇଛି। ଏଥିରେ ବିଭିନ୍ନ ପ୍ରକାର ଅର୍କିଡ ଗଛକୁ କୁଣ୍ଡରେ ଲଗାଯାଇ ତାର ରକ୍ଷଣାବେକ୍ଷଣ କରାଯିବା ସହ ପର୍ଯ୍ୟଟକଙ୍କ ଦେଖିବା ଓ ଜାଣିବା ନିମନ୍ତେ ରଖାଯାଇଛି । ମାତ୍ର ଏହି କେନ୍ଦ୍ରଟି ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହାର ପୁନଃରୁଦ୍ଧାର ପାଇଁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର ପ୍ରକାଶ କରିଛନ୍ତି । ଦେଶ ବିଦେଶରେ ଏହି ଫୁଲର ଚାହିଦା ବୃଦ୍ଧି ପାଉଥିବା ବେଳେ ଏହାର ପ୍ରକୃତ ବ୍ୟବସାୟୀକରଣ କରାଯାଇ ପାରୁନାହିଁ। ଶିମିଳିପାଳରେ ବସବାସ କରୁଥିବା ବନବାସୀ ଓ ଆଦିବାସୀ ଯୁବବର୍ଗଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରି ଏହାର ବ୍ୟବସାୟ କରାଗଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବା ସହ ଜୈବ ମଣ୍ଡଳର ପ୍ରଚାର ପ୍ରସାର ହୋଇପାରନ୍ତା ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି ।


ଶୋଭାବର୍ଦ୍ଧନ କରୁଥିବା ଅର୍କିଡ।

**ଆଜି ପର୍ଯ୍ୟଟକଙ୍କ ଲାଗି ଖୋଲିବ**

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ଅଜିତ୍


@ପୁପୁନ୍


@ପ୍ରବୋଧ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

**ସୁଏଲପୁର ହତ୍ୟା ମାମଲା**

## ମୁଖ୍ୟ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ, ୩ ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର ଅଫିସ, ୩୧।୧୦– ଏକ ହତ୍ୟା ମାମଲାର ବିଚାର କରି ସୋମବାର ଅତିରିକ୍ତ ଜିଲା ଦୌରାଜଜ୍-୧ ସଞ୍ଜୀବ ରଞ୍ଜନ ସାମନ୍ତ ମୁଖ୍ୟ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ୩ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

୨୦୧୬ ଅକ୍ଟୋବର ୨୩ତାରିଖ ଭୋର ସମୟରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସୁଏଲପୁର ଅଞ୍ଚଳର ମହେଶ ମାଝିଙ୍କ ପରିବାର ଉପରେ ଉକ୍ତ ଗ୍ରାମର ଖାରବେଳ ମାଝି ନିଜର କିଛି ସହଯୋଗୀଙ୍କ ସହ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ମହେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ମା’ ବାସନ୍ତୀ, ଭାଇ ରାଜେଶ ଓ ଦାଦା ନରେନ୍ଦ୍ର ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଖାରବେଳଙ୍କ ସହ ପୁରୁଣା ବାଲେଶ୍ୱର ଅଞ୍ଚଳର ସନ୍ୟାସୀ ଦଳେଇ, ବାରବାଟୀ ଅଞ୍ଚଳର ବିନୟ କୁମାର ମହାରଣା ଓ ସୁଏଲପୁରର କପିଳ ମାଝିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଜଜ୍ ମୁଖ୍ୟ ଅଭିଯୁକ୍ତ ଖାରବେଳଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ଅନ୍ୟ ୩ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଶାନ୍ତ ମଲ୍ଲିକ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ବିଶ୍ୱରଞ୍ଜନ ମଲ୍ଲିକ, ଦେବବ୍ରତ ଦାସ ଓ ଗୋପାଳ ଆଢ଼୍ୟ ମାମଲା ପରିଚାଳନା କରିଥିଲେ।

## ଭାଗ ନେଲେ ୫୦ ବାଳିକାବାଳକ



ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ରନ୍ ଫର୍ ୟୁନିଟ୍ କାର୍ଯ୍ୟକ୍ରମ।

**ରନ୍ ଫର୍ ୟୁନିଟ୍**

**ବାଲେଶ୍ୱର ଅଫିସ, ୩୧।୧୦**

ବାଲେଶ୍ୱର ଜିଲା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ଅନୁମୋଦନ ଏବଂ ସପ୍ତମ ଓଡ଼ିଶା ଏନସିସି ଭଦ୍ରକର କମାଣ୍ଡିଂ ଅଫିସରଙ୍କ ନିର୍ଦ୍ଦେଶକ୍ରମେ କଲେଜ ଏନ୍ସିସି ଆର୍ମି ଉଇଙ୍ଗ୍ସ ତରଫରୁ ରନ୍ ଫର୍ ୟୁନିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୫୦ଜଣ ବାଳିକାବାଳକ ଏନ୍ସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣ କରିଥିବା ପିଲାମାନେ ଦୌଡ଼ କାର୍ଯ୍ୟକ୍ରମରେ ଯୋଗଦେଇ ଏକତା ହିଁ ବଳ ତେଣୁ ସମସ୍ତେ ଏକ ହେଲେ ଯାଇ ଦେଶ ଅଗ୍ରଣୀ ହୋଇପାରିବ ବୋଲି ସମାଜକୁ ବାର୍ତ୍ତା ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସପ୍ତମ ଓଡ଼ିଶା ବାଟାଲିୟନର ନାଏବ ସୁବେଦାର ଗୋପାଲ ଜୀ ଯୋଗଦେଇଥିବା ବେଳେ ବାଳିକା ବିଭାଗର ଏନସିସି ଅଫିସର୍ କ୍ୟାପଟେନ ବିଦ୍ୟୁତ୍ପ୍ରଭା ଦାସ ଏବଂ ବାଳକ ବିଭାଗର ଏନସିସି ଅଫିସର୍ ଲେଫ୍ଟନାଣ୍ଟ ଆଶିଷ କୁମାର ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ହରିଶ୍ଚନ୍ଦ୍ର ଅନୁଦାନ ହେରଫେର ଘଟଣା**

## ୩ ଅଭିଯୁକ୍ତଙ୍କ ନାମରେ ମାମଲା

**ହାଟଡ଼ିହୀ,୩୧।୧୦(ଡି.ଏନ.ଏ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାରେ ଆସୁଥିବା ଅନୁଦାନ ହେରଫେର୍ ଘଟଣାର ତଦନ୍ତ ହୋଇଥିଲା। ଜିଲା ପ୍ରଶାସନ ତଦନ୍ତ ରିପୋର୍ଟ ଆଧାରରେ ୩ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲା। ଏହି କ୍ରମରେ ହାଟଡ଼ିହୀ ବିଡିଓ ବିନିତା ବିଜୟିନୀ ସୋମବାର ସୋସୋ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଆନନ୍ଦପୁର ଉପଜିଲାପାଳ ଅନୀଲ ସେଠୀଙ୍କଠାରୁ ତଦନ୍ତ ରିପୋର୍ଟ ହସ୍ତଗତ ପରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ କରିଥିଲା। ଏହି କ୍ରମରେ ହାଟଡ଼ିହୀ ବିଡିଓ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ କେଶ (ନଂ ୧୭୭/୨୦୨୨ ଏବଂ ୪୬୭,୪୬୮,୪୭୧,୪୦୯,୪୨୦ ଧାରାରେ ଏକ ମାମଲା ରୁଜୁ କରିଛି। ପୂର୍ବତନ ସରପଞ୍ଚ ପ୍ରତିଭା ନାୟକ, ପୂର୍ବତନ ପିଇଓ ନରହରି ନାୟକ, ଜିଆରଏସ ପୁର୍ଣ୍ଣେନ୍ଦୁ ଥାଟୋଇଙ୍କ ନାମରେ ମାମଲା ରୁଜୁ ହୋଇଛି।

## ଲୌହଖଣିରେ ଦୁର୍ଘଟଣା, ଶ୍ରମିକଙ୍କ ହାତ କଟିଲା

**ଯୋଡ଼ା,୩୧।୧୦(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଜୁରଡ଼ି ସ୍ଥିତ ଜିଲିଙ୍ଗ ଲଙ୍ଗାଲୋଟା ଲୌହ ଖଣିରେ ସୋମବାର ଦୁର୍ଘଟଣା ଘଟିଛି। କାର୍ଯ୍ୟରତ ଜଣେ ଶ୍ରମିକର ଡାହାଣ ହାତଟି କଟି ଯାଇଛି। ଶ୍ରମିକ ଜଣଙ୍କ ଢେଙ୍କାନାଳର ଜିଲାର ରଞ୍ଜନ ବିଶ୍ୱାଳ। ଖବର ନେବାରୁ ଜଣାପଡ଼ିଛି ଯେ, ଉକ୍ତ ଖଣିରେ ଲାଗିଥିବା କ୍ରସ୍‌ର ପ୍ଲାଣ୍ଟରେ ରଞ୍ଜନ କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ଯୋଗୁଁ ହାତ କନଭେୟର ବେଲ୍ଟରେ ପଶିଯାଇଥିଲା। ଫଳରେ ତାଙ୍କର ଡାହାଣ ହାତଟି କାନ୍ଧ ନିକଟରୁ କଟି ଅଲଗା ହୋଇଯାଇଥିଲା। ତାଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି।

## ଗାଁ ଦାଣ୍ଡରେ ମହିଳାଙ୍କୁ ମାଡ଼

**ଉଦଳା,୩୧।୧୦(ଡି.ଏନ.ଏ.)**

ପୂର୍ବ ଶତ୍ରୁତାକୁ ନେଇ ମୟୂରଭଞ୍ଜ ଜିଲା ଉଦଳା ଥାନା ବରଡିହି ପଞ୍ଚାୟତର ପାଟଶାଣୀପୁର ଗାଁ ଦାଣ୍ଡରେ ଜଣେ ମହିଳାଙ୍କୁ ନିସ୍ତୁକ ମାଡ଼ ମରା ଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୩୪୦/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଗ୍ରାମର ବାଦଲ ମଲ୍ଲିକ ଏବଂ ପିଲୁ ପ୍ରଧାନଙ୍କ ମଧ୍ୟରେ ଗଛକଟାକୁ ନେଇ ପୂର୍ବ ଶତ୍ରୁତା ଲାଗି ରହିଥିଲା। ଦୁଇଦିନ ପୂର୍ବେ ବାଦଲ ଏବଂ ପିଲୁଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ବାଦଲଙ୍କ ସ୍ତ୍ରୀ ପହଞ୍ଚିବାରୁ ପିଲୁ ତାଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ମାଡ଼ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଶ୍ୟାମାକାଳୀଙ୍କ ଭସାଣି


ମେଲାଣି ନେଉଛନ୍ତି ମା’ଶ୍ୟାମାକାଳୀ।

**ଢେଙ୍କିକୋଟ,୩୧।୧୦(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ପୂଜା ପାଉଥିବା ମା’ ଶ୍ୟାମାକାଳୀଙ୍କୁ ପୂଜା କମିଟି ତରଫରୁ ମେଲାଣି ଦିଆଯାଇଛି। ଭସାଣି ଉତ୍ସବରେ କର୍ମକର୍ତ୍ତା ଯୋଗଦେଇ ମାଆଙ୍କ ମୃଣ୍ମୟୀ ପ୍ରତିମା, ପାର୍ଶ୍ୱ ଦେବଦେବୀ ଏବଂ ବରୁଆଳି ମୂର୍ତ୍ତି ସମୂହଙ୍କୁ ବଜାର ସାହି ବସ୍ତି ପରିକ୍ରମା କରିଥିଲେ। ମାଆଙ୍କ ଦର୍ଶନ ପାଇଁ ବଜାର ସାହି, ବସ୍ତି ଛକରେ ଭକ୍ତମାନେ ମା’ଙ୍କୁ ବନ୍ଦାପନା କରି ମେଲାଣି ଦେଇଛନ୍ତି। କମିଟିର ସଭାପତି ଜଗବନ୍ଧୁ ନାୟକ, ସମ୍ପାଦକ ବିଜୟ ମଣ୍ଡଳ, କୋଷାଧ୍ୟକ୍ଷ ସାର୍ତ୍ତୁକ ଗିରିଙ୍କ ସମେତ ସକ୍ରିୟ ସଦସ୍ୟ ଖଗେଶ୍ୱର ନାୟକ, ଦେବାନନ୍ଦ ମଣ୍ଡଳ, ରଣଜିତ୍ ମଣ୍ଡଳ, ଲିପୁନ ମଣ୍ଡଳ ସମେତ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ସହଯୋଗ କରି ଶାନ୍ତି ପୂର୍ଣ୍ଣ ଭାବେ ମାଆଙ୍କ ପ୍ରତିମାକୁ ସୀତାନଦୀରେ ବିସର୍ଜନ କରିଥିଲେ।

# ମେଲାଣି ନେଲେ ମା’ କାଳୀ

**ଭଦ୍ରକ ଅଫିସ,୩୧।୧୦**

- ଶୋଭାଯାତ୍ରାରେ ଏକାଠି ହେଲା ୮ ମେଢ଼
- ପାରମ୍ପରିକ ନୃତ୍ୟରେ କମ୍ପିଲା ଚରମ୍ପା ବଜାର

ଦୀପାବଳିଠାରୁ ୭ଦିନ ଧରି ଚାଲିଥିବା ଭଦ୍ରକ କାଳୀପୂଜା ରବିବାର ଶେଷ ହୋଇଥିବା ବେଳେ ସୋମବାର ମା’ ମେଲାଣି ନେଇଛନ୍ତି। ଭଦ୍ରକର ଏକମାତ୍ର ରାଜଘାଟ ପୋଲ ପୂଜା ମଣ୍ଡପର ଭସାଣି ଶୋଭାଯାତ୍ରା ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଥିଲା। ମଣ୍ଡପ ନିକଟରୁ ଶୋଭାଯାତ୍ରା ବାହାରି କଚେରି ବଜାର ଦେଇ ସହର ପରିକ୍ରମା କରିବା ପରେ ସାଳନ୍ଦୀ ନଦୀରେ ବିସର୍ଜନ କରାଯାଇଛି। ଅପରାହ୍ନ ୫ଟାରେ ଚରମ୍ପାର ୮ ମେଢ଼ ମଣ୍ଡପରୁ ଶୋଭାଯାତ୍ରାରେ ବାହାରି ଷ୍ଟେଶନ ଛକରେ ଏକତ୍ର ହୋଇଥିଲା। ଚରମ୍ପା ବଜାରର ସ୍କୁଲରୋଡ୍, ବିଶାଣିଖରିଦାର ବାସନ୍ତୀ କାଳୀମଣ୍ଡପ, ନବଗ୍ରହ ମନ୍ଦିର ରୋଡ୍ ଏରେଇଁ, ପିଡବ୍ଲ୍ୟୁଆଇ, ଡଗରାସାହି, ପଥରଆଡ଼ି, ଟ୍ରାଫିକ ଛକ ସମେତ ସମସ୍ତ ମେଢ଼ ସମୂହ ଶୋଭାଯାତ୍ରାରେ ନିଆଯାଇଥିଲା। ଦୁଲ୍‌ଦୁଲି ସିଂହବାଜା, ଢୋଲ, ଘଣ୍ଟ ଆଦି ବିଭିନ୍ନ ବାଦ୍ୟ ସହ ପାରମ୍ପରିକ ନୃତ୍ୟରେ ଚରମ୍ପା ବଜାର କମ୍ପିଥିଲା। ବଜାର ପରିକ୍ରମା ପରେ ଚରମ୍ପା ଛକ ନିକଟ କେନାଲରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା।

ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନାଧିକାରୀ ଉମାଶଙ୍କର ନାୟକଙ୍କ ନେତୃତ୍ୱରେ ୭ଦିନ ଧରି ମୁତୟନ ରହିଥିବା ୧୮ ପ୍ଲାଟୁନ ଫୋର୍ସ ଶୋଭାଯାତ୍ରାରେ ନିୟୋଜିତ ଥିଲେ। ତେବେ ୭ଦିନ ଧରି ପୂଜା ଓ ମେଳା ପାଇଁ ଚରମ୍ପା ବଜାର ପ୍ରତି ସନ୍ଧ୍ୟାରେ ଜନସମୁଦ୍ର ପାଲଟିଥିଲା। ଶେଷଦିନ ରବିବାର ସନ୍ଧ୍ୟାରେ ହୋଇଥିବା ଭିଡ଼ ସବୁବର୍ଷର ରେକର୍ଡ ଭାଙ୍ଗିଥିବା କୁହାଯାଉଛି।


ଟ୍ରାଫିକ ଛକ କାଳୀ ମେଢ଼।


ଭସାଣି ଶୋଭାଯାତ୍ରାରେ ପରିବେଷିତ ପାରମ୍ପରିକ ନୃତ୍ୟ।

